**DIRECTORATE OF EXTENSION EDUCATION**
**ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ODISHA UNIVERSITY OF AGRICULTURE AND TECHNOLOGY**
**Bhubaneswar, Pin - 751003**

# ସମ୍ଭାବ୍ୟ ପଙ୍ଗପାଳ ଆକ୍ରମଣ ପାଇଁ କୃଷି ପରାମର୍ଶ

ତା ୨୬/୦୫/୨୦୨୦

ବର୍ତ୍ତମାନ ପଙ୍ଗପାଳ ଦଳ ରାଜସ୍ଥାନ ଅତିକ୍ରମ କରି ମଧ୍ୟପ୍ରଦେଶରେ ପହଂଚି ଗଲେଣି । ତେଣୁ ସେମାନେ ଓଡ଼ିଶା ଆସିବାର ମଧ ସମ୍ଭାବନା ରହିଛି । ଏମାନଙ୍କ ଆକ୍ରମଣରୁ ଫସଲକୁ ସୁରକ୍ଷା ଦେବା ପାଇଁ ନିମ୍ନଲିଖିତ ପରାମର୍ଶଗୁଡ଼ିକୁ ଅବଲମ୍ବନ କରନ୍ତୁ ।

- ନିୟମିତ ଭାବରେ କୃଷି ପରାମର୍ଶ ଗୁଡ଼ିକୁ ଶୁଣି ସେହି ଅନୁସାରେ କାର୍ଯ୍ୟ କରନ୍ତୁ ।
- ଆମର ସୀମାବର୍ତ୍ତୀ ରାଜ୍ୟରେ ପଙ୍ଗପାଳ ଦଳ ପହଂଚିଲେ ଆମ କ୍ଷେତରେ ଥିବା ଫସଲ ଉପରେ ପ୍ରତିଷେଧକ ବ୍ୟବସ୍ଥା ହିସାବରେ ୫ ପ୍ରତିଶତ ନିମ୍ବମଞ୍ଜି ଉଦ୍ଧୃତାଂଶ (NSKE)ର ଦ୍ରବଣକୁ ଏକର ପ୍ରତି ୨୦୦ ଲିଟର ହିସାବରେ ଉପରବେଳା ସିଂଚନ କରନ୍ତୁ ।
- ଏହା ବଦଳରେ ବଜାରରେ ମିଳୁଥିବା ୩୦୦ ପିପିଏମ୍‌ର ନିମ୍ବ ଆଧାରିତ କୀଟବିଷକୁ ଏକର ପ୍ରତି ଏକ ଲିଟର ହିସାବରେ ୨୦୦ ଲିଟର ପାଣି ସହିତ ମିଶାଇ ଉପରବେଳା ସିଂଚନ କରାଯାଇପାରେ ।
- ପଙ୍ଗପାଳ ଦଳ ଫସଲ କିଆରୀରେ ପହଂଚି ଯାଇଥିଲେ, ସେଗୁଡ଼ିକୁ ବିଭିନ୍ନ ଉପାୟରେ ଯଥା ଟିଣ ବାଡ଼େଇ, କଂଟାଯୁକ୍ତ ଡାଳରେ ପିଟି ଘଉଡାଇବାର ବ୍ୟବସ୍ଥା କରନ୍ତୁ ।
- ସଂଧ୍ୟା ସମୟରେ ପଙ୍ଗପାଳ ବସିଥିବା ବଡ଼ ବଡ଼ ଗଛ ତଳେ ପଲିଥିନ୍ ଜରି ବିଛାଇ ଡାଳଗୁଡ଼ିକୁ ହଲାଇଦେଲେ, ସେମାନେ ଜରି ଉପରେ ଗଳିପଡ଼ିବେ । ସେଗୁଡ଼ିକୁ ସଂଗ୍ରହ କରି କିରୋସିନି ମିଶ୍ରିତ ପାଣିରେ ବୁଡ଼ାଇ ମାରି ଦିଅନ୍ତୁ ।
- ଏତଦ୍ ବ୍ୟତୀତ କୀଟମାନଙ୍କ ଦ୍ୱାରା ଆକ୍ରାନ୍ତ ଫସଲ ଉପରେ ଉପରୋକ୍ତ ନିମ୍ବ ଆଧାରିତ କୀଟନାଶକ ସିଂଚନ କରନ୍ତୁ । କିମ୍ବା ଏକର ପ୍ରତି ୪୦୦ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି.କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ବି.ଦ୍ର.: ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସଂପ୍ରସାରଣ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।**